# ଆଜି ଅନୁଗୋଳରୁ ୭ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୨୫୨ ରେ ।

ଅନୁଗୋଳ,୨୪.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁଗୋଳ ବ୍ଲକ୍ ଅଂଚଳରୁ ୨ ଜଣ, ଅନୁଗୋଳ ପୌରାଞ୍ଚଳ,ବଅଁରପାଳ ବ୍ଲକ୍,ତାଳଚେର ବ୍ଲକ୍,ଛେଣ୍ଡିପଦା ବ୍ଲକ୍ ଓ କଣିହାଁ ସ୍ଥିତ ଏକ ଶିଳ୍ପଂଚଳରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁ ଗୋଳ ବ୍ଲକ୍ ଅଂଚଳର ୩୪ ଓ ୨୭ ବର୍ଷିୟ୍ ପୁରୁଷ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାରୁ ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁଗୋଳ ପୌରାଞ୍ଚଳରୁ ଜଣେ ୪୯ ବର୍ଷୀୟ୍ ପୁରୁଷ କେରଳରୁ ଫେରି ପେଡ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଆଜି ତାଂକର ପଜିଟିଭ ଜଣାପଡିଛି । ବଅଁରପାଳ ବ୍ଲକ୍ ଅଂଚଳର ଜଣେ ୨୨ ବର୍ଷିୟ୍ ପୁରୁଷ ସାମାନ୍ୟ ଲକ୍ଷଣ ଥାଇ ସ୍ୱାବ ନମୁନା ପରିକ୍ଷଣରୁ ପଜିଟିଭ ଜଣାପଡିଛି । ତାଳଚେର ବ୍ଲକ୍ ଅଂଚଳର ୫୨ ବର୍ଷୀୟ୍ ପୁରୁଷ ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି । ଛେଣ୍ଡିପଦା ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ମେଡିକାଲ ଶିବିରରେ ସଂଗରୋଧରେ ଥିବା ଗଂଜାମ ଫେରନ୍ତା ୨୩ ବର୍ଷିୟ୍ ପୁରୁଷ କରୋନା ପଜିଟିଭ ହୋଇଥିବାର ଜଣାପଡିଛି । ସେହିପରି କଣିହାଁ ସ୍ଥିତ ଏକ ଶିଳ୍ପାଂଚଳରୁ ଜଣେ ୨୬ ବର୍ଷିୟା ମହିଳା ଭଦ୍ରକରୁ ଫେରି ପଜିଟିଭ ହୋଇଥିବାର ଜଣାପଡିଛି । ଏହି ୭ ପଜିଟିଭଙ୍କୁ ଆଜି ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୭ ଜଣ ପଜିଟିଭଙ୍କୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୫୨ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୮୪ ତା.୨୪.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।